**Indian Journal of Modern Research and Reviews**

**This Journal is a member of the *'Committee on Publication Ethics'***

**Online ISSN:**2584-184X

**Research Paper**

# ହୃଷୀକେଶ ପଣ୍ଡାଙ୍କ ଗଳ୍ପରେ ଜୀବନ ଜିଜ୍ଞାସା

**ଡ. ସରଳା ସ୍ୱାଇଁ**

ଅଧାପିକା ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ, ଓଡିଶା, ଭାରତ

**Corresponding Author:** * ଡ. ସରଳା ସ୍ୱାଇଁ

**DOI:** https://doi.org/10.5281/zenodo.20406695

**ସାରାଂଶ**

ଓଡ଼ିଆ ସାରସ୍ୱତ ଜଗତରେ ହୃଷୀକେଶ ପଣ୍ଡା ଏକ ଶ୍ରଦ୍ଧାଶୀଳ ସମ୍ଭ୍ରାନ୍ତ ଉଚ୍ଚାରଣ । ଜଣେ ଜୀବନବାଦୀ ସ୍ରଷ୍ଟା ଭାବେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । ସମୟ, ସମାଜ ଓ ଜୀବନର ପରିବର୍ତ୍ତିତ ଚିତ୍ର ପ୍ରତିବିମ୍ବିତ ହୁଏ ତାଙ୍କ କଥାର ନଦୀରେ । ତାଙ୍କ ସୃଷ୍ଟିରେ ସାମ୍ପ୍ରତିକ ସମାଜ ଜୀବନର ଅବକ୍ଷୟତାର ଚିତ୍ର ଫୁଟି ଉଠେ । ତାଙ୍କ କଥାର ଶବ୍ଦ ଶବ୍ଦଭେଦୀ ବ୍ରଜ ପାଲଟି ଯାଏ । ତାଙ୍କ ମତରେ ସୃଷ୍ଟି ପଛରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଥାଉ ବା ନ ଥାଉ ସୃଷ୍ଟିର ଆତ୍ମପ୍ରକାଶ ପରେ କିଛିଟା ଉଦ୍ଦେଶ୍ୟ ସାଧନ କରିପାରେ । ତେଣୁ କାହାଣୀର ବାସ୍ତବତା ବଡ଼, ଆମ ସମାଜର ସାମାଜିକ ରୂପଟିକୁ ଭେଟୁ ମାତ୍ର ଭିତରଟା ପାଉନା ତା'ଭିତର ଅନ୍ଧାରକୁ ଦେଖି ପାରୁନା । ଆଜିର କ୍ଷୁଦ୍ରଗଳ୍ପ ଧୀରେ ଧୀରେ ଏହି ସ୍ତରକୁ ଉତ୍ତୀର୍ଣ୍ଣ ହୋଇ ଆଉ ଏକ ପୃଥିବୀର ସନ୍ଧାନୀ । ବାହ୍ୟ ପୃଥିବୀ ମଣିଷର ଓ ମଣିଷର ଅନ୍ତରୀଣ ପୃଥିବୀର ସଂଘାତ ଏବଂ ତହିଁରୁ ଉତ୍ତରଣ ହିଁ ଏହି ଆଲୋଚନାର ବିଷୟବସ୍ତୁ ।

**Manuscript Info.**

- ✓ **ISSN No:** 2584- 184X
- ✓ **Received:** 10-09-2025
- ✓ **Accepted:** 25-10-2025
- ✓ **Published:** 30-11-2025
- ✓ **MRR:3(11):**2025;107-111
- ✓ **©2025, All Rights Reserved.**
- ✓ **Peer Review Process:** Yes
- ✓ **Plagiarism Checked:** Yes

**How To Cite this Article**

ଡ. ସରଳା ସ୍ୱାଇଁ. ହୃଷୀକେଶ ପଣ୍ଡାଙ୍କ ଗଳ୍ପରେ ଜୀବନ ଜିଜ୍ଞାସା. Indian J Mod Res Rev. 2025;3(11):107-111.

**ପ୍ରମୁଖ ଶବ୍ଦ:** ମୁକ୍ତକାମୀ,ବାହ୍ୟରୂପ, ନିରୁଦ୍ଦିଷ୍ଟ ,ପ୍ରତିଶ୍ରୁତି , ଛଅଁାଣ, ତଲ୍ଲୀନତା, ସ୍ୱାତିଲଗ୍ନ।

## ପ୍ରସ୍ତାବନା

ସେ ଜଣେ ଜୀବନବାଦୀ ଶିଳ୍ପୀ । ଗଳ୍ପ ସଙ୍କଳନଗୁଡ଼ିକ, 'ସାହାବ ଦେବତା', 'ତିନୋଟି ନିଶ୍ୱାସର ପୃଥିବୀ', 'ରେବତୀ', 'ପ୍ରୌଢ଼ଭାବନା', 'ଅନ୍ତରଙ୍ଗ ସକାଳ', 'ପ୍ରତ୍ୟୟର ପ୍ରତିଶ୍ରୁତି', 'ଦେହର ନଉକା ରକ୍ତର ଗଙ୍ଗା', 'ଝରକା ନଥିବା ଘର', 'ଜହ୍ନରାତି', 'ଅଜଣା ସମ୍ପର୍କର ଋତୁ ଓ ନିରୁଦ୍ଦିଷ୍ଟ ବୋଧିଦ୍ରୁମ' ଇତ୍ୟାଦି ତାଙ୍କ ସାରସ୍ୱତ ସୃଷ୍ଟି । ତାଙ୍କ ଗଳ୍ପରେ ରହିଛି ଆଦିବାସୀ ଜୀବନ ଚିତ୍ର, ନାରୀ ମନସ୍ତତ୍ତ୍ୱ, ନାରୀର ଅସହାୟତା, ବେକାର ଯୁବକର ସମସ୍ୟା, ଭାରତୀୟ ଆଦର୍ଶବୋଧ, ପ୍ରେମର ଶୁଦ୍ଧ ରୂପକୁ ନେଇ ତାଙ୍କ ସୃଷ୍ଟି ପରିପୁଷ୍ଟ ହୋଇଛି । ପୁଣି ତାଙ୍କ ଗଳ୍ପରେ ଗୌତମରୁ ସିଦ୍ଧାର୍ଥ ପୁଣି ସିଦ୍ଧାର୍ଥରୁ ବୁଦ୍ଧ – ଅନେକ ଦୂରପଥ ଅତିକ୍ରମ କରିବାକୁ ପଡ଼େ । ବିଚରା ମୁକ୍ତକାମୀ ମଣିଷକୁ, ସଂସାରର ଆବର୍ତ୍ତରୁ ମୁକ୍ତି ପ୍ରୟାସୀ, ପୁଣି ପରକ୍ଷଣରେ ସଂସାର ପ୍ରତି ଅତ୍ୟନ୍ତ ଆସକ୍ତ ଯୋଗୁଁ ନିରଞ୍ଜନା ବୋଧଦ୍ରୁମ ହୋଇଯାଏ ଅପହଞ୍ଚ ଦୂରତାରେ । ଏମିତି ଜୀବନକୁ, ଜଗତକୁ, ମଣିଷକୁ ନିରଞ୍ଜନାକୁ ଓ ବୋଧଦ୍ରୁମକୁ ଖୋଜୁଥିବା ସଚେତନ ସ୍ରଷ୍ଟା ହେଉଛନ୍ତି ହୃଷିକେଶ ପଣ୍ଡା ।

ଆଦିବାସୀମାନଙ୍କ ପରମ୍ପରା, ଚାଲିଚଳଣି, ରୀତିନୀତି ଓ ସାଂସ୍କୃତିକ ଅବକ୍ଷୟର ଚିତ୍ର ପରିଲକ୍ଷିତ ହୁଏ ତାଙ୍କ କ୍ଷୁଦ୍ରଗଳ୍ପରେ । ଆଦିବାସୀମାନଙ୍କୁ ନେଇ ହୀନ ଷଡ଼ଯନ୍ତ୍ର ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ଅନାହାର ମୃତ୍ୟୁ ତା'ଙ୍କ ଗଳ୍ପରେ ରୂପାୟିତ ହୋଇଛି । 'ଛଅଁାଣ', 'କୋରସ', 'ଅନାହାର କମିଶନର ଏକ ରିପୋର୍ଟ', 'ବାରୁଆଳି ଗାଁର କାଜୁ ବାଦାମ ଚାଷ ଓ ବିମ୍ବାଧର ଭାଗ୍ୟ', 'ସନାତନ ସବୁଦିନ କ୍ଲବ ଯାଏ', 'ମେରିଆ', 'ସାହାବଦେବତା' ଆଦିରେ ଆଦିବାସୀ ଜୀବନର ଚିତ୍ର



© 2025 ଡ. ସରଳା ସ୍ୱାଇଁ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଦେଖିବାକୁ ମିଳେ । 'ଛଞାଣ' ଗଳ୍ପରେ ଆଦିବାସୀମାନଙ୍କର ବିଭିନ୍ନ କାରଣରୁ ବିସ୍ଥାପନ ମେଣ୍ଟେ । ସରଳ ଆଦିବାସୀମାନଙ୍କର ଐତିହ୍ୟ ଜୀବନ ସହିତ ତାଙ୍କ ସଂସ୍କୃତି ବିଶ୍ୱାସ ତଥା କଳ୍ପନା କିପରି ଧ୍ୱସ୍ତବିଧ୍ୱସ୍ତ ହୋଇ ଯାଇଛି ତା'ର ଚିତ୍ର ଦେଖିବାକୁ ମିଳେ । ଏହି ଗଳ୍ପରେ ପେଟ୍ରୋଲିୟମ ଚାଷ ନାଁରେ ଦେଶର ବହୁ ରାଷ୍ଟ୍ରୀୟ କମ୍ପାନୀ ଆଗମନ ଫଳରେ ଆଦିବାସୀମାନଙ୍କର ଭିଟାମାଟି ଉପରେ କୁଦୃଷ୍ଟି ପଡିଛି । ଏ କଥାରେ ଆଦିବାସୀ ସମାଜର ଦିସାରୀର ପ୍ରତିବାଦ ଯୋଗୁଁ ସେହି ବିଦେଶୀ କମ୍ପାନୀମାନେ ଦିସାରୀ ଆଉ କେଉଁ କମ୍ପାନୀକୁ ପେଟ୍ରୋଲିୟମର କଥା କହିଦେବ ଭାବି ଦିସାରୀକୁ ଜୀବନରୁ ମାରି ଦେଇଛନ୍ତି । ଜାତି ପାଇଁ ଦିସାରୀ ନିଜକୁ ବଳି ଦେଇଛି ସତ କିନ୍ତୁ ଜାତିକୁ ରକ୍ଷା କରିପାରି ନାହିଁ । ଦିସାରୀର ଅତୃପ୍ତ ଆତ୍ମା ଘୁରି ବୁଲୁଛି ଆକାଶରେ । ସବୁଦିନ ପାଇଁ ଦିସାରୀ ସମେତ ତା'ର କନ୍ଧ ଜାତିର ଇତିହାସ ଲୋପ ପାଇଯାଇଛି । ଏହି ଗଳ୍ପରେ ଆଦିବାସୀ ସମାଜ ଉପରେ ଅନ୍ୟାୟ ଅତ୍ୟାଚାରର ଚିତ୍ର ଦେଖିବାକୁ ମିଳେ । ସେହିପରି 'ସନାତନ ସବୁଦିନ କ୍ଲବ ଯାଏ' ଗଳ୍ପରେ ଆଦିବାସୀ ଯୁବକମାନଙ୍କର ବେକାର ସମସ୍ୟାର କଥା କୁହାଯାଇଛି । ସନାତନ ଯିଏ କି ସବୁଦିନେ କ୍ଲବ ଯାଏ ମଦ ପିଇବାକୁ । ସନାତନ ନିହାତି ସାଧାରଣ ଘରର ବଡ଼ପୁଅ । ଭାଇ ଔଷଧ ବିନା ଟାଇଫଏଡରେ ମରିଗଲା । ତାକୁ ନେଇ ମାଆ ଭଉଣୀ ସମସ୍ତେ ଦୁଃଖ କରୁଛନ୍ତି ସମସ୍ତଙ୍କ ଦୁଃଖକୁ ନେଇ ସନାତନ କିଛି ସ୍ଥିର କରିପାରୁ ନାହିଁ । ବାପା ସବୁ ଜାଣି ମଧ୍ୟ କିଛି ନ ଜାଣିଲା ପରି ଚୁପ । ଏଭଳି ପରିସ୍ଥିତିରେ ସନାତନର ଆଶ୍ରୟସ୍ଥଳୀ ପାଲଟି ଯାଇଛି କ୍ଲବ ଘର । ଯୁବକ ଅବସ୍ଥାରେ ବେକାରୀ ସମସ୍ୟାକୁ ସହି ପାରି ନାହିଁ । ସମସ୍ୟା ଭିତରେ ନିଜର ଅପାରଗ ପଣିଆକୁ ଭୁଲିଯିବାକୁ ଯାଇ ସେ ଆହୁରି ପ୍ରଚୁର ମଦ ପିଇଛି । ନିଜ ଘର, ନିଜ ବ୍ୟକ୍ତିସତ୍ତାକୁ ସେ ନିଜେ ଭୁଲି ଯାଇଛି । ଏହି ଗଳ୍ପରେ ଆଦିବାସୀ ଯୁବକର ବେକାରୀ ସମସ୍ୟାର ଅସହାୟତାର କଥା କୁହାଯାଇଛି । 'ଅନାହାର କମିଶନ ଏକ ରିପୋର୍ଟ' ଏବଂ 'ବାରୁଆଳି ଗାଁର କାଜୁବାଦାମ ଚାଷ ଓ ବିମ୍ବାଧର ଭାଗ୍ୟ' ଗଳ୍ପଟି ମଧ୍ୟ ଆଦିବାସୀ ସମସ୍ୟା ଉପରେ ଆଧାରିତ । 'ଭିଡ ଭିତରେ ହଜିଥିବା ମୁହଁ ଗଳ୍ପ ଆଦିବାସୀ ରମଣୀର ବ୍ୟକ୍ତିତ୍ୱର କଥା କୁହାଯାଇଛି । ଉପରୁ ଦେଖି ଘୃଣା କରୁଥିବା ରମଣୀକୁ ତା'ର ବ୍ୟକ୍ତିତ୍ୱ ଜାଣିଲା ପରେ ତା' ପ୍ରତି ରାମାନନ୍ଦ ଆକୃଷ୍ଟ ହୋଇପଡିଛି । ସେଦିନ ସହରୀ ମଣିଷ ଓ ଆଦିବାସୀ ରମଣୀଙ୍କ ମଧ୍ୟରେ ଏକ ସମ୍ପର୍କରେ ଡୋରି ବାନ୍ଧି ହୋଇଯାଇଛି । ସହରର ଭିଡ଼ ଭିତରେ ସହରୀ ମଣିଷଟି ଏ ସମ୍ପର୍କକୁ ଭୁଲି ଯାଇପାରେ ମାତ୍ର ଆଦିବାସୀ ରମଣୀଟି ନୁହେଁ । ବିଶ୍ୱାସ ଓ ପ୍ରତିଶ୍ରୁତିକୁ ପାଥେୟ କରି ଆଦିବାସୀ ରମଣୀଟି କହିଲା – ମୁଁ ତମ ପରିଚୟ ଜାଣେ ନାହିଁ । ତେବେ ମୁହଁ ଚିହ୍ନି ପାରିବି । ଆସିବ ବାବୁ ଆଗ ରବିବାରକୁ ମୁଁ ଅନେଇ ଥିବି । ଏହି ଗଳ୍ପରେ ଆଦିବାସୀ ରମଣୀର ବିଶ୍ୱାସ ଓ ଜୀବନବାଦୀ ଚିନ୍ତାଧାରା ପ୍ରତିଫଳିତ ହୋଇଛି ।

ନାରୀ ମନସ୍ତତ୍ତ୍ୱ କେତେଗୁଡ଼ିକ ଗଳ୍ପରେ ଦେଖିବାକୁ ମିଳେ । 'ନିଷିଦ୍ଧ ଇଲାକା' ଗଳ୍ପରେ ମଣିଷ ଚାହିଁବା ଓ ପାଇବା ମଧ୍ୟରେ ଅନେକ ତଫାତ୍ ରହିଛି । ବିଜୟିନୀ ସୁନୀଲକୁ ବିବାହ କରି ସବୁକିଛି ପାଇଛି ।ଧନ, ସମ୍ପତ୍ତି ,ଐଶ୍ୱର୍ଯ୍ୟ, ଖ୍ୟାତି, ସମ୍ମାନ, ପ୍ରାଚୁର୍ଯ୍ୟ । ସୁନୀଲ ମଧ୍ୟ ସାମୀ ଭାବରେ ବିଜୟିନୀର ଦେହକୁ ପାଇଛି କିନ୍ତୁ ମନକୁ ନୁହେଁ । ବିଜୟିନୀ ମନ ଆଉ କାହା ପାଖରେ ବନ୍ଧା ପଡିଛି, ବିଜୟିନୀର ଅଜାଣତରେ ସିଦ୍ଧାର୍ଥ ବିଜୟିନୀ ମନର ଅଧିକାରୀ ହୋଇଯାଇଛି । ପତି ହୋଇ ଦେହକୁ ଅଧିକାର କରିବା ଓ ପ୍ରେମିକ ଭାବେ ମନକୁ ଜିଣିବା ଆକାଶ ପାତାଳ ପ୍ରଭେଦ ରହିଛି । ସୁନୀଲ ବିଜୟିନୀର ସଙ୍ଗୀତ ସାଧନାକୁ ନେଇ ଭାରତବର୍ଷର ବିଭିନ୍ନ ରାଜ୍ୟରେ ସୁପରିଚିତ କରାଇ ଦେଇଛି । ବିବାହର ଅଠର ବର୍ଷ ପରେ ବି ସଙ୍ଗୀତକୁ ବଞ୍ଚାଇ ରଖିଛି । ସୁନୀଲ ବିଜୟିନୀକୁ ଅବାଧ ସାଧୀନତା ଦେଇଛି । ପ୍ରତିବାଦ କି ପ୍ରତିରୋଧ କେବେ କରି ନାହିଁ । କିନ୍ତୁ ରକ୍ତ ମାଂସ ମଣିଷର ମନ ନେଇ ବେଳେବେଳେ ସୁନୀଲ କଷ୍ଟ ସଂଗୁପ୍ତ ବ୍ୟଥାକୁ ପ୍ରକାଶ କରିପାରି ନାହିଁ । ପ୍ରତିଟି ସୃଷ୍ଟି ପଛରେ ଯନ୍ତ୍ରଣା ରହିଛି । ପ୍ରତିଟି ଚେତନା ପଛରେ ରହିଛି ଆଲୋଡ଼ନ । ବିଜୟିନୀର ଜୀବନକୁ ଆଲୋକିତ କରିବାକୁ ଯାଇ ସୁନୀଲ ନିଜକୁ ଅନ୍ଧାରରେ ରଖିଛି । ସୁନୀଲର ଉଦାର ମାନବିକତା ଓ ମହାନ ବ୍ୟକ୍ତିତ୍ୱ ନିକଟରେ ବିଜୟିନୀ ନିବେଦିତା । ସୁନୀଲ ଅଠର ବର୍ଷ ନିଜର ପତିତ୍ୱ ଜାହିରି କରିଛି । ବିଜୟିନୀ ନାଭି ପଦ୍ମକୁ ଓଟାରି ଦୁଇଟି ଜୀବନ୍ତ କଣ୍ଢେଇ ସୁନୀଲ ହାତରେ ଟେକି ଦେଇଛି । ତଥାପି ଏହି ଅସୀମ ଅଥଳ ସମୁଦ୍ର ଭିତରେ ବି ମହାଦେଶଟିଏ ମୁଣ୍ଡ ଟେକିବାର ବିଜୟିନୀ ଅନୁଭବ କରିଛି । ସୁନୀଲର ଖୋଲା ଛାତିରେ ମୁହଁ ଗୁଞ୍ଜି ବିଜୟିନୀ ଅନୁଭବ କରିଛି ସିଦ୍ଧାର୍ଥକୁ । ଦୁଇଟି ଛୁଆଙ୍କ ମୁହଁରେ ସିଦ୍ଧାର୍ଥର ପ୍ରତିଛବି ଦେଖିବାକୁ ପାଇଛି । ପାପପୂର୍ଣ୍ୟ ମିଳାଇ ଯାଇଛି । ଏକାକାର ହୋଇଛି ଆଲୁଅ ଓ ଅନ୍ଧାରର ନିଷିଦ୍ଧ ଇଲାକା । କୋଣାର୍କ ଖାଲି ପୂଜା କରି ଆସିଛି ରାଜା ନରସିଂହ ଦେବଙ୍କୁ ହେଲେ ଭୁଲିଯାଇଛି ସେହି ଶିଳ୍ପୀକୁ ଯିଏ ତା' ଦେହର ପ୍ରତିଟି ସ୍ପନ୍ଦନ, ପ୍ରତିଟି ଅନୁଭବରେ ତୀବ୍ର ଉତ୍ତେଜନା ଦେଇ ଶିଳା ଦେହରେ ଜୀବନ୍ତ କଲା । ସେ ଶିଳ୍ପୀକୁ ଛାଡି ଦେଇଛି ଚନ୍ଦ୍ରଭାଗାର ବେଳାଭୂଇଁରେ । କୋଣାର୍କ ପାଇଁ କିଏ ବଡ ଶିଳ୍ପୀ ନା ରାଜା । କାହାକୁ କରିବ ଆପଣାର ? କାହାକୁ କରିବ ବଡ ଏ ପ୍ରଶ୍ନ ତା' ପାଖରେ ଅନୁଭର । ଐଶ୍ୱର୍ଯ୍ୟ, ପ୍ରତିପରି, ଖ୍ୟାତି ନାରୀ ପାଖରେ ଯଥେଷ୍ଟ ଥିଲେ ବି ତା ମନକୁ ହୃଦୟକୁ, ହୃଦୟର ଭାଷାକୁ ବୁଝି ପାରୁଥିବା ମଣିଷଟି ଦରକାର । ଏହି ଗଳ୍ପରେ ନାରୀ ମନର ସଂଗୁପ୍ତ ଭାବନାର ଚିତ୍ର ଦେଖିବାକୁ ମିଳେ ।

ନାରୀ ମନସ୍ତତ୍ତ୍ୱକୁ ନେଇ 'ନିଜ ଛାଇକୁ ନିଜେ ଡରୁଥିବା ମଣିଷ' ଗଳ୍ପ ରହିଛି । ମଣିଷର ମନସ୍ତତ୍ତ୍ୱକୁ ନେଇ ମନରେ ଗୋଟିଏ ଦିଗର ଅଭାବ ହେଲେ ସେ ଦିଗର ଅଭାବ ଭିନ୍ନ ମାର୍ଗ ଅବଲମ୍ବନ କରିଥାଏ ।
ସେମିତି ଚରିତ୍ର ଅନୁରାଧା ଓ ଅନିମେଷ । ଅନୁରାଧ ଚାକିରୀ କରିଛି ସ୍ୱାମୀଠାରୁ ଦୂରରେ ରହୁଛି । ଅନିମେଷ ମଧ୍ୟ ନିଜ ସ୍ତ୍ରୀ ଶିଶୁ କନ୍ୟାକୁ ଛାଡି ଦୂରରେ ରହୁଛି । ଅନୁରାଧା ନିଜ ସ୍ୱାମୀଙ୍କର ଅଭାବ ପୂରଣ ପାଇଁ ଚାହୁଁଥିଲା ଅନିମେଷକୁ । ଅନିମେଷ ମଧ୍ୟ ତାହା ହିଁ ଅନୁଭବ କରେ । ବାସ୍ତବରେ ମଣିଷ କୋଳାହଳ ମୁଖର ଜୀବନ ଠାରୁ ପଳାଇବାକୁ ଚାହେଁ ଏକ ନିରବ ନିର୍ଜୀବ ନିସଙ୍ଗ ସ୍ଥଳକୁ । କିନ୍ତୁ ଖୁବ୍ ବେଶୀ ନିରବତା ତାକୁ ସୁଖ ଦେଇପାରେ ନାହିଁ । ସେ ପୁଣି ଖୋଜେ ମୃତ୍ୟୁ କୋଳାହଳ ; ସେମିତି ମୁହୂର୍ତ୍ତ ଅନିମେଷ ଖୋଜି ଅନୁରାଧା ପାଖକୁ ଚାଲିଆସେ ଉଭୟ ମିଶି କଫି ପିଇବା ଭିତରେ ଅନୁରାଧାର ଅନ୍ଧାରୀ ମନର ପରିଚୟ ଦେଇ ଗାଳ୍ପିକ ଲେଖିଛନ୍ତି – " ଅନୁରାଧା ମନ ଅଳନ୍ଧୁଲଗା


© 2025 ଡ. ସରଳା ସ୍ୱାଇଁ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ମନର ରୁଦ୍ଧ କୋଠରୀରେ ମିଞ୍ଜି ମିଞ୍ଜି ହୋଇ ପ୍ରଦୀପଟିଏ ଜଳୁଛି । ତା'ର ଧାସରେ ରୁଗ୍ଣ ଆଲୋକର ଘରଟା ସ୍ପଷ୍ଟ ହୋଇ ଉଠିଛି ଅଥଚ ପ୍ରଦୀପଟି ନିଜେ ହିଁ କେତେବେଳେ ଜାଳି ଦେଇଛନ୍ତି ଅନୁରାଧା । ଆଉ ଅନ୍ୟ ଦିଗରେ ଅନୁରାଧାର ଝିଅ ଲୀନା ଯିଏ ଛୋଟ ବେଳୁ ମା'ର ସ୍ନେହରୁ ବଞ୍ଚିତ ହୋଇଛି ଆୟା ହାତରେ ବଢ଼ିଛି । ସେ ଯେତେବେଳେ ଅନିମେଷ ହାତରୁ ନାଲି ଗୋଲାପ ନେଇ ମୁଣ୍ଡରେ ଖୋସି ଦେଇଛି ସେତେବେଳେ ଅନୁରାଧା ମନରେ ଅହେତୁକ ଭୟ କାଳେ ଲୀନା ସନ୍ଦେହ କରିଛି କି ଯଦି ଅନିମେଷକୁ ଲୀନା ଭଲ ପାଇଯାଏ ସେହି ଭୟରେ ସେ ଅନିମେଷକୁ ସବୁଦିନ ତାଙ୍କ ଘରକୁ ଆସିବାକୁ ମନା କରି ଦେଇଛି । ଏହି ଗଳ୍ପରେ ନାରୀ ମନସ୍ତତ୍ତ୍ୱର ଚିତ୍ର ଦେଖିବାକୁ ମିଳେ ।

ଦେହଜୀବୀଙ୍କୁ ନେଇ ଅନେକ ଗଳ୍ପ ରହିଛି । 'ଦେହର ଗଙ୍ଗାରେ ରକ୍ତର ଗଙ୍ଗାକୁ ପାରି କରୁଥିବା ମାଝି ଗଳ୍ପରେ ଝିଅଟିଏ ବେଶ୍ୟା ହେବାର ଅସହାୟତାର ଚିତ୍ର ଦେଖିବାକୁ ମିଳେ । କେହି ସ୍ୱଇଚ୍ଛାରେ ବେଶ୍ୟା ବୃତ୍ତିକୁ ଆପଣେଇ ନଥା'ନ୍ତି । କିଏ ସମୟ ପରିବେଶକୁ ଓ ପରିସ୍ଥିତିକୁ ଓ ପୁରୁଷର ଭୋଗାଶକ୍ତ ଦୃଷ୍ଟିଭଙ୍ଗୀ ହିଁ ଜଣେ ତରୁଣୀକୁ ବେଶ୍ୟା ହେବାକୁ ବାଧ କରିଥାଏ । ଜୀବନ ସଂଗ୍ରାମରେ ବାରମ୍ବାର ପରାହତ ନାରୀଟି ଯେତେବେଳେ ପୁରୁଷ ନିକଟରେ ସହାୟତାର ହାତ ପାତେ ସେତେବେଳେ ପୁରୁଷର ହିଂସ୍ର ଦୃଷ୍ଟି ତା'ର ଦେହକୁ ନେଇ ମୂଲଚାଲ କରେ । ଏହାପରେ ସମାଜ ଆଖିରେ ସେ ଘୃଣାର ପାତ୍ର ପାଲଟିଯାଏ ଯାହା ଘଟି ଯାଇଛି ସୁଚେତା ଜୀବନରେ । ବେଶ୍ୟା ହେଉଥିବା ତରୁଣିଟିର ଯେ ମନ ଅଛି ସ୍ୱପ୍ନ ଅଛି ଏକଥା ଏ ପୁରୁଷ ସମାଜ ଭୁଲିଯାଏ । ନାରୀର ଦେହକୁ ନେଇ ସେ ଖେଳ ଖେଳେ । ସେହି ଝିଅଟି ମୁହଁରେ – "ଦେହ ବିକେ ବଞ୍ଚିବା ପାଇଁ, ଦେହକୁ ବିକି ଚାଲେ ଜୀବିକା ପାଇଁ ସିନା, ହେଲେ ତା'ର ବି ମନ ବୋଲି କିଛି ଅଛି । ତା' ଭିତରେ ବଡ ସ୍ୱପ୍ନଟିଏ ଅଛି ଶଙ୍ଖା ସିନ୍ଦୂର ପିନ୍ଧି ବଧୂ ସାଜିବାକୁ ? ପିଲାଛୁଆ ସ୍ୱାମୀ ସହିତ ସୁଖର ସଂସାର ସେ ବିକି ପାରେନି, ବିକି ପାରେନି ମନଟିକୁ, ବେଶ୍ୟା ବି ତ ମା' ହେବାକୁ ଚାହେଁ ଭଉଣୀ ହେବାକୁ ଚାହେଁ । ତରୁଣୀଟି ପରିସ୍ଥିତିରେ ପଡି ବେଶ୍ୟା ହୁଏ ସିନା ହେଲେ ତା' ମନରେ ଅନେକ ସ୍ୱପ୍ନ ଥାଏ। ଜୀବନ ସାଥୀଟିଏ ନେଇ ଗୋଟିଏ ସୁଖୀ ପରିବାରର ପବିତ୍ର ଆତ୍ମୀୟତା ଭିତରେ ଟିକେ ଶାନ୍ତି ପାଇଁ ତାହା ହିଁ ତା ପାଇଁ ପୂଣ୍ୟ ଗଙ୍ଗା । ଏହି ଗଳ୍ପରେ ତରୁଣୀଟିର ଅସହାୟତାର ଚିତ୍ର ଦେଖିବାକୁ ମିଳେ ।

'ସ୍ୱାତିଲଗ୍ନ' ଗଳ୍ପରେ ମଧ୍ୟ ସେହି ଅସହାୟ ତରୁଣୀର ବିବଶ ରୂପ ଦେଖିବାକୁ ମିଳେ । ଏ ପର୍ଯ୍ୟନ୍ତ ନାରୀଟିଏ ପୂର୍ଣ୍ଣ ସ୍ୱାଧୀନତା ପାଇ ପାରି ନାହିଁ । ତା'ର ଅସହାୟତାରୁ ପଦପଦବୀଧାରୀ କାମୁକଗଣ ବେଶ ଫାଇଦା ଉଠାଇ ଚାଲିଛନ୍ତି । ଜୀବନକୁ ଭଲ ପାଉଥିବା ରଜନୀଗନ୍ଧା ନିମ୍ନ ମଧ୍ୟବିତ୍ତ ପରିବାର ଦାରିଦ୍ର୍ୟର ବୋଝ ବୋହିବାକୁ ଯାଇ ବାରମ୍ବାର ଧର୍ଷିତା ହୁଏ ଖଣ୍ଡିଏ ଚାକିରୀ ପାଇଁ । ମନ୍ତ୍ରୀ ଠୁ ଚପରାଶି, ଅପରିଚିତ ଠୁଁ ପରିଚିତ ପର୍ଯ୍ୟନ୍ତ ସମସ୍ତେ ପ୍ରତିଶ୍ରୁତିର ବାହାନାରେ ଠକିଛନ୍ତି । ନିଜ ପରିବାରକୁ ଚାହିଁ ଲୁଣ୍ଠିତ ଓ ପ୍ରତାରିତ ହୋଇ ଜୀବନର ମୋହରେ ଫେରି ଆସିଛି । ସେ ଅନୁଭବ କରିଛି – "ଦେହ ତ ପୁଳାଏ ଓଦା ଚକଟା ମାଟି ତା'ର ଅଛି ସେ ଦେହ ରଜନୀଗନ୍ଧାର ପାଖୁଡା ଧର୍ଷିତା ହୋଇପାରେ ହେଲେ ତା'ର ମହକକୁ ଲୁଟି ନେବାର ଶକ୍ତି ବା କାହା ପାଖରେ ଅଛି ? ରଜନୀଗନ୍ଧା ଫେରି ଆସିଛି ଦେବଦାସ ପାଖକୁ କିନ୍ତୁ ସେ କେବେ ଚାହିଁନି ଦେବଦାସର ସୁନାର ସଂସାରରେ ଆଞ୍ଚ ଆଣିବାକୁ କେବଳ ଟିକିଏ ଭଲ ପାଇବା ଚାହିଁଛି । କିନ୍ତୁ ଦେବଦାସ ତା'ର ପବିତ୍ର ମନ ଓ ହୃଦୟକୁ ବୁଝି ପାରନ୍ତି ନାହିଁ । ଦେବଦାସ ପରି ପୁରୁଷମାନେ କେବଳ ବାହ୍ୟରୂପ ଦେଖୁଥାନ୍ତି ।" ତେଣୁ ରଜନୀଗନ୍ଧାର ଉତ୍ତରିତ ଚିଠିରେ ରଜନୀଗନ୍ଧା ଲେଖିଥିଲା – "କ'ଣ ଅଛି ଏ ଦେହରେ, ରଜନୀଗନ୍ଧାର ପାଖୁଡା ଧର୍ଷିତା ହୋଇଛି ତା'ର ମହକକୁ ଲୁଟି ଦେବାର ଶକ୍ତି ବା କାହାର ଅଛି ।" ଏହି ମହକ ହେଉଛି ଜଣେ ନାରୀର ପବିତ୍ର ମନ୍ ଓ ଉଦାର ହୃଦୟର କଥା ଯାହାକୁ ପୁରୁଷ ସମାଜ ବୁଝିପାରେ ନାହିଁ।

'ନିରୁଦ୍ଦିଷ୍ଟ ବୋଧଦ୍ରୁମ' ଗଳ୍ପରେ ରହିଛି ସେହି ନାରୀର ଅସହାୟତା । ବୋଧିଦ୍ରୁମ ପ୍ରକୃତରେ ଏକ କଳ୍ପନା ନା ବାସ୍ତବତା । ବୁଦ୍ଧଦେବ କହିଥିଲେ କାମନାର ବିନାଶରେ ଦୁଃଖର ବିନାଶ ଓ ନିର୍ବାଣ ପ୍ରାପ୍ତି । ନିରଞ୍ଜନା ଓ ବୋଧିଦ୍ରୁମ ଏକ କଳ୍ପନା ଉଦ୍ଭଟ ୟୁଟୋପିଆ ମାତ୍ର । ଚନ୍ଦ୍ରମୁଖୀ ପରି ଜୀବନ ପାଇଁ ତ ଦେବଦାସଙ୍କ ସୃଷ୍ଟି । ଭରପୂର ଜୀବନର ପ୍ରତୀକ ଚନ୍ଦ୍ରମୁଖୀ । ଚନ୍ଦ୍ରମୁଖୀକୁ ଗଙ୍ଗା କୂଳରେ ଛାଡି ବୋଧିଦ୍ରୁମ ଖୋଜିଯିବା ଦେବଦାସୀ ମାନସି ଚେତନାର ଏକ ଅପରାଧ ଭାବରେ ପରିଗଣିତ ହୋଇଛି । ଗଙ୍ଗା କୂଳ ଯେ ପାପୀମାନଙ୍କ ପାପ ପଙ୍କରେ ପଙ୍କିଳ ହୋଇ ଉଠିଛି । ନିର୍ବାଣ ଖୋଜୁଥିବା ଦେବଦାସୀ ତାହା ବୁଝିପାରିବ କେମିତି ଅଥଚ ସୋନାଗାଛିର ପାପ ପଙ୍କରୁ ଉଦ୍ଧାର କରି ନିଜ ପୌରୁଷକୁ ତାରିଫ କରୁଥିବା ଦେବଦାସ ଜୀବନରୂପୀ ଚନ୍ଦ୍ରମୁଖୀ ଛାଡ଼ି ଚାଲିଯିବା ତଥା ଚନ୍ଦ୍ରମୁଖୀ ପୂଜାରିଣୀ ସାଜି ଦେବଦାସୀ ପାଇଁ ପ୍ରତୀକ୍ଷା କରି ଅକାଳରେ ଝଡି ପଡିବା ପରାହତ ଜୀବନର ସୂଚକ । ବିତ୍ର ବୋଧିଦ୍ରୁମର ପରିକଳ୍ପନା ସାମ୍ପ୍ରତିକ ପାପ ପରିପୂର୍ଣ୍ଣ ସମାଜ ପାଇଁ ଏକ ଅବାଞ୍ଛିତ କଳ୍ପନା । ସମସ୍ତ ପ୍ରତିକୂଳତା ମଧ୍ୟରେ ଜୀବନ ବଞ୍ଚେ, ବଞ୍ଚିବାକୁ ସଂଗ୍ରାମ କରେ ଏବଂ ପ୍ରତିନିୟତ ସମ୍ଭାବନାର ସର ଉଚ୍ଚାରଣ କରି ଚାଲିଥାଏ ଏହା ହିଁ ସତ୍ୟ ।

'ନିଃସଙ୍ଗ ତାରାର ରାତି' ଗଳ୍ପରେ ମଧ୍ୟ ନାରୀର ଅସହାୟତାର ଚିତ୍ର ଦେଖିବାକୁ ମିଳେ । ଏହି ଗଳ୍ପ ମାଧ୍ୟମରେ ଗାଳ୍ପିକ ଆମ ସମାଜରେ ନାରୀର ସ୍ଥିତି ଆମ ସାମାଜିକ ବ୍ୟବସ୍ଥାର ଦୁର୍ବଳ ଦିଗଟିକୁ ସୂଚାଇ ଦିଏ । ଗଳ୍ପନାୟିକା ତାର ଜୀବନରେ ତାହା ହିଁ ଘଟିଛି । ତାରାର କିଛି ଦୋଷ ନଥାଇ ମଧ୍ୟ ତା'ର ସ୍ୱାମୀ ତାକୁ ଗ୍ରହଣ କରିପାରି ନାହିଁ । ଏହା ହିଁ ପୁରୁଷ ସମାଜର ପରିଚୟ । ତାରା ସ୍ୱାମୀର ଅନୁପସ୍ଥିତିରେ ସ୍ୱାମୀର କାମୁକ ବନ୍ଧୁମାନଙ୍କ ଦ୍ୱାରା ତାରା ଧର୍ଷଣର ଶିକାର ହୁଏ । ଏ ସମାଜ ତାକୁ କଳଙ୍କିନୀର ପୋଷାକ ପିନ୍ଧାଇ ଦିଏ । ଏପରିକି ନିଜ ସ୍ୱାମୀ ଯିଏ ତାକୁ ନିରାପଦ ନିର୍ଭୟର ପ୍ରତିଶ୍ରୁତି ଦେଇଥିଲା ସେ ମଧ୍ୟ ତାକୁ ଧର୍ଷକର ଦୃଷ୍ଟିରେ ଦେଖେ । ଅନ୍ୟାୟ ବିରୋଧରେ ବାରମ୍ବାର ପ୍ରତିବାଦ କରି ମଧ୍ୟ ସେ ନ୍ୟାୟ ପାଇବାରୁ ବଞ୍ଚିତ ହୁଏ । ଗଣମାଧ୍ୟମ ପୋଲିସ, ମନ୍ତ୍ରୀ ସମସ୍ତେ ସାନ୍ତ୍ୱନାର ଛଳନା ମାତ୍ର । ତାରା ସ୍ୱପ୍ନ ଦେଖିବା ପୂର୍ବରୁ ତା'ର ସ୍ୱପ୍ନର ଭଙ୍ଗୁର ହେଲା । ଜୀବନକୁ ନେଇ ଘରଟିଏ ତୋଳିବା ଆଗରୁ ତାହା ଭୂଷୁଡ଼ି ପଡିଲା । ସତେ ଯେପରି ନାରୀଟିର ଭାଗ୍ୟ ଏକ ଉଜୁଡା ପୁଷ୍ପୋଦ୍ୟାନ । ସେ ମନକୁ ମନ କହି ଉଠିଛି – ସ୍ୱାମୀ ଅରୂପ ମଧ୍ୟ ସେ ଅମଣିଷ ହିଂସ୍ରମାନଙ୍କ ମଧ୍ୟରୁ ଜଣେ । ସେ ମଧ୍ୟ ଜଣେ ଧର୍ଷଣକାରୀ, ଯିଏ କେବଳ ନାରୀ ଦେହ ଛଡା ମନ ଓ ହୃଦୟକୁ ବୁଝିପାରି ନାହିଁ । ଏହି


© 2025 ଡ. ସରଳା ସ୍ୱାଇଁ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ସ୍ୱାର୍ଥପର ପୁରୁଷମାନେ ଜନ୍ମ ଜନ୍ମାନ୍ତରର ସମ୍ପର୍କ ବେଳ ଏହି ଦେହକୁ ନେଇ ବନ୍ଧା ଦେହାତୀତର ଚେତନା ବୋଧର କିଛି ସେଠାରେ ମୂଲ୍ୟ ନାହିଁ । ପ୍ରେମ, ଯୌନ, ପବିତ୍ରତା ଏସବୁ କେବଳ ଜାନ୍ତବ କ୍ଷୁଧା ଭିତରେ ସୀମାବଦ୍ଧ । ଏହି ଗଳ୍ପରେ ନିସଙ୍ଗତାର ପରି ଅସହାୟତା ଜୀବନ୍ ବିତାଉଥିବା ନାରୀମାନେ ସାମାଜିକ ନ୍ୟାୟ ପାଆନ୍ତି ନାହିଁ । ଏହା ହିଁ ଏହି ଗଳ୍ପର ମାନବିକ ସମ୍ବେଦନଶୀଳତାର ଜୀବନ୍ତ ଆଲେଖ୍ୟ ।

ଭାରତୀୟ ଆଦର୍ଶକୁ ନେଇ କେତୋଟି ଗଳ୍ପ ରହିଛି । 'ସମୁଦ୍ରର ଅନ୍ୟ ନାମ ପ୍ରତୀକ୍ଷା' ଗଳ୍ପରେ ରହିଛି ଭାରତୀୟ ଆଦର୍ଶବୋଧର ଚିତ୍ର । ପୁରୁଷ କଳ୍ପନା ହେଲେ ନାରୀ ବାସ୍ତବବାଦୀ । ପୁରୁଷ ଭାବପ୍ରବଣତା ମଧ୍ୟରେ ନିଜର ଅସ୍ମିତା ଭୁଲି ଯାଏ କିନ୍ତୁ ନାରୀଟି ଭାବପ୍ରବଣତାରେ ଭୁଲେ ନାହିଁ । ତା ଆଗରେ ଜୀବନ ବଡ଼ ବାସ୍ତବତା ଯାହାକୁ ସେ ଅସ୍ୱୀକାର କରିପାରେ ନାହିଁ । ସେ ଜାଣେ ଭାବପ୍ରବଣତା ଉତ୍ତେଜନା ଓ ଉଲ୍ଲାସ ଦେଇପାରେ ମାତ୍ର ପରିଣତି ବିପଦଜନକ । ମିତ୍ରଭାନୁ ଓ ଅନାମିକା ମଧ୍ୟରେ ତାହା ହିଁ ଦେଖିବାକୁ ମିଳେ । ଜଣେ ଭାବପ୍ରବଣତାରେ ଭାସିଯିବା ବେଳେ ଅନ୍ୟଜଣେ ବାସ୍ତବତାକୁ ଦେଖେ। ମିତ୍ରଭାନୁ ନିଜର ପତ୍ନୀ ସଂସାର ଥିବା ସତ୍ତ୍ୱେ ସେ ଅନାମିକାକୁ ନିଜର କରିବାକୁ ଚାହେଁ, କିନ୍ତୁ ଅନାମିକା ବାସ୍ତବତାକୁ ପରଖି ଥାଏ । ଗାଳ୍ପିକଙ୍କ ଭାଷାରେ ମିତ୍ରଭାନୁ କହେ – ପତ୍ନୀ ଭାବରେ ସାମାଜିକ ସ୍ୱୀକୃତି ଦେଇ ନ ପାରିଲେ ବି ତା ମନ ଠାରେ ସେ ସ୍ୱୀକୃତି ଦେଇ ସାରିଛି । ଅନାମିକା ଏକ ଦିବ୍ୟ ଅନୁଭବ । ସାମାଜିକ ଅନୁଶାସନର କାଠଗଡା ଭିତରେ ସେ ଠିଆ ହୁଏ ନାହିଁ । ଯୁକ୍ତ ଭିତରେ ନୁହେଁ, ସେ ଧରାଦିଏ ଅନୁଭବ ଭିତରେ । ସମାଜ ତାକୁ ପାପ ସଂଜ୍ଞା ଦେଲେ ବି ସେ ପଙ୍କଜ ହୋଇ ଫୁଟି ଉଠେ ପବିତ୍ରତାର ସ୍ୱର୍ଶ ନେଇ । ମିତ୍ରଭାନୁର ନିସର୍ତ୍ତ ଭଲ ପାଇବା ପାଖରେ ବି ସେ ସ୍ୱାର୍ଥପର ହୋଇ ନାହିଁ । ତା' ଦୃଷ୍ଟିରେ ପ୍ରେମ ଅର୍ଥ ପ୍ରତୀକ୍ଷା । ଭାରତୀୟ ନବାନ୍ତର ବାଦରେ ତା'ର ଗଭୀର ବିଶ୍ୱାସ । ପରଜନ୍ମରେ ମିତ୍ରଭାନୁର ପ୍ରେମ ପାଇଁ ଅପେକ୍ଷା କରିବାକୁ ସେ ପ୍ରସ୍ତୁତ । କିନ୍ତୁ ଅନ୍ୟ ନାରୀର ଅଧିକାରକୁ ସେ ଭାଗ ବସାଇବାକୁ ଚାହେଁ ନାହିଁ । ଭାରତୀୟ ନାରୀ ଆଦର୍ଶର ପ୍ରତିଭୂ ଅନାମିକା । ନଦୀ ପାଇଁ ସମୁଦ୍ରର ପ୍ରତୀକ୍ଷା । ଏହାହିଁ ବାସ୍ତବତା । ଏ ବାସ୍ତବତାକୁ ସେ କେମିତି ବା ଅସ୍ୱୀକାର କରିପାରିବ । ପ୍ରେମର ଶୁଦ୍ଧ ପରିଭାଷା ଏହି ଗଳ୍ପର ଭାବାଦର୍ଶକୁ ପ୍ରତିଷ୍ଠା ଦିଏ । ଦୁଃଖ ଭିତରେ ବି ଜୀବନର ମୂଲ୍ୟବୋଧକୁ ସଂଜୀବିତ କରେ ।

ସ୍ୱର୍ଶ' ଗଳ୍ପରେ ସେହି ଭାରତୀୟ ଆଦର୍ଶବୋଧର କଥା ରହିଛି । ଆଧୁନିକ ମଣିଷର ଚେତନାଗତ ପରିବର୍ତ୍ତନକୁ ପାଠକ ଦେଖୁଛନ୍ତି । ମଣିଷକୁ ସାର୍ଥ, ଐଶ୍ୱର୍ଯ୍ୟ ଲାଳସା ଯେତେ ତଳସ୍ତରକୁ ନେଲେ ବି ଭାରତୀୟ ଆଦର୍ଶବାଦ ସ୍ନେହ, ପ୍ରେମ ବନ୍ଧନର ଆକର୍ଷଣକୁ ଏଡାଇ ଦେଇ ହେବ ନାହିଁ । ଏହା ହିଁ ଭାରତୀୟ ଆଦର୍ଶ ପ୍ରମାଣ କରିଦିଏ । ଅମିତାଭ ପତ୍ନୀର କଥାରେ ଭାଇମାନଙ୍କ ଠାରୁ ସମ୍ପତ୍ତି ଲୋଭରେ ଆସି ସାନ ଭାଇକୁ କୌଣସି କଥାରେ ଶକ୍ତ ଚାପୋଡା ମାରିବା ପରେ ବି ପ୍ରତିବାଦରେ ଭାଇମାନଙ୍କ ଠାରୁ ପାଇଛି ସ୍ନେହ, ଶ୍ରଦ୍ଧା, ସମ୍ମାନର ମହାର୍ଘ୍ୟ ମୂଲ୍ୟ । ସେ ଅନୁଭବ କରିଥାଏ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ପାଖରେ ବସ୍ତୁର ମୋହ କେତେ ତୁଚ୍ଛ । ଅମିତା ମନରେ ପ୍ରଶାନ୍ତି ଛାଇ ଯାଇଛି । ଲୁହର ଆଖୁ ବନ୍ଦ ହୋଇଯାଇଛି ଏକ ଦିବ୍ୟ ଆନନ୍ଦବୋଧରେ । ସେ ଅନୁଭବ କରିଛି – ସେ ଆଉ ପୈତୃକ ସମ୍ପତ୍ତିର ଦାବିଦାର ହୋଇ ଅଧିକାର ପାଇଁ ଅନ୍ଧ ଭାବରେ ଧାଇଁ ଆସିଥିବା ଅମଣିଷ ନୁହେଁ । ଯେମିତି କି ଶାନ୍ତ, ସରଳ, ନିରୀହ ଶିଶୁଟିଏ ମାଟି ଉପରେ ଶୋଇ ଯାଇଛି ଏକ ଅନନ୍ତ ମୁହୂର୍ତ୍ତ ପାଇଁ ଏକ ଦିବ୍ୟ ସ୍ୱର୍ଶରେ ।" ଏହି ଗଳ୍ପରେ ଭାରତୀୟ ଆଦର୍ଶବୋଧ ବସ୍ତୁବାଦକୁ ସ୍ୱୀକାର କରେ ନାହିଁ ବରଂ, ସ୍ନେହ, ପ୍ରେମ, ଭଲ ପାଇବାର ଜୀବନର ପରମ ତତ୍ତ୍ୱଟିକୁ ଖୋଜି ପାଇଥାଏ ଅମିତାଭ ପରି ।

ମଣିଷ ମନର ପବିତ୍ର ଓ ପରମ ଉପଲବ୍ଧି ହେଉଛି ପ୍ରେମ ଯାହା 'ନିଖୋଜ ନଦୀର ଠିକଣା' ଗଳ୍ପରେ ଦେଖିବାକୁ ମିଳେ । ମେରୀ ଓ ଅମରେଶ ଜଣେ ଖ୍ରୀଷ୍ଟିୟାନ ହେଲେ ଆଉ ଜଣେ ଜଗନ୍ନାଥଙ୍କର ପରମ ସେବକ । ପ୍ରେମ ଜାତି, ବର୍ଣ୍ଣକୁ, ଧର୍ମକୁ ଅସ୍ୱୀକାର କରେ । ସେମାନେ ଦୁଇ ଧର୍ମର ହୋଇଥିଲେ ବି ଆତ୍ମାରେ ସ୍ୱୀକୃତି ଦେଇ ସାରିଥିଲେ । ସେଥିପାଇଁ ମେରି ଅମରେଶକୁ କହିଥିଲା – " ମୁଁ ଜାଣେ ତମେ ମୋତେ ଆତ୍ମିକ ସ୍ୱୀକୃତି ଦେଲେ ବି, ସାମାଜିକ ସ୍ୱୀକୃତି ଦେଇ ପାରିବ ନାହିଁ । ସାମାଜିକ ଅନୁଶାସନର ଉଠା ପାଚେରୀକୁ ଭାଙ୍ଗି ଦେଇ ପାରିବିନି । ମୁଁ ବି କେବେ ବାଧ କରିବନି । କେହି କାହାର ଧର୍ମ ବା ସଂସ୍କାରରେ ବାଧା ଦେବା ନାହିଁ ।" କିନ୍ତୁ ଯେଉଁଦିନ ମେରୀ ଭାବିଲା ତାକୁ ନେଇ ଅମରେଶର ଭବିଷ୍ୟତ ସାମାଜିକ ବିରୋଧାଭାସର ଶିକାର ହେବ ସେଦିନ ମେରି ନିବିଡ ମାତୃତ୍ୱର ସଫଳତାକୁ ଏଡାଇ ଦେଇ ନିଖୋଜ ହୋଇଯାଇଛି ଅମରେଶକୁ ଜୀବନକୁ ସାମାଜିକ ଲାଞ୍ଛନାରୁ ରକ୍ଷା କରିବା ପାଇଁ । ଅମରେଶ ମଙ୍ଗଳ ଚିନ୍ତା କରି ପାପ, ପୂଣ୍ୟ ଯୁକ୍ତି ତର୍କ ହାନିଲାଭର ଉର୍ଦ୍ଧ୍ୱର ଏକ ଦିବ୍ୟ ଅନୁଭବ ନିକଟରେ ମେରୀ ଓ ଅମରେଶ ସ୍ଥାଣୁ ପାଲଟି ଯାଇଥିଲେ । ଜୈବିକ କ୍ଷୁଧାର ଚେତନାରେ ନୁହେଁ, ବରଂ ଆତ୍ମାର ଉଦ୍‌ବେଳନରେ, ଭଲ ପାଇବାର ତଲ୍ଲୀନରେ ଏକାକାର ହୋଇଯାଇଛି । ତଲ୍ଲୀନତାରେ ଧର୍ମ ଓ ସାମ୍ପ୍ରଦାୟିକତାର ଅଦୃଶ୍ୟ ପାଚେରୀ ଆପେ ଆପେ ମିଳାଇ ଯାଇଥିଲା । ସତ୍ ପ୍ରେମର ସମର୍ପିତ, ସାର୍ଥହୀନ ପବିତ୍ର ଭାବାବିବ୍ୟକ୍ତ ଏହି ଗଳ୍ପଟିକୁ ଉଚ୍ଚଗୁଣ ସମ୍ପନ୍ନ କରିପାରିଛି ।

'ମୁକ୍ତାସମ୍ଭବ' ଗଳ୍ପରେ ସପ୍ରେମର ଚିତ୍ର ଦେଖବାକୁ ମିଳେ । ପାପ ପୂଣ୍ୟ, ନ୍ୟାୟ ଅନ୍ୟାୟ, ଉଚିତ ଅନୁଚିତରେ ସାମାଜିକ ଅନୁଶାସନର ସୀମାରେଖା ଡେଇଁ ନ ପାରିବାର ଅସହାୟତା ଜୟା ଓ ଗଳ୍ପନାୟକ । ସ୍ୱପ୍ନ ବାସ୍ତବ ନ ହୋଇ କେବଳ ସ୍ମୃତି ପାଲଟି ଯାଇଛି ତାଙ୍କ ଜୀବନରେ । ଉଭୟ ଭଲ ପାଇବା ଥିଲେ ବି ଜୟା ହୋଇଗଲେ ଆଉ କାହାର ସଧବା ନାରୀ ହେବା ପରେ ବି ଆତ୍ମା ସାଜିଲା ନବବଧୂ ମୁଁ ତୁମ ସଧବାର ସୀମନ୍ତକୁ କୁମାରୀକୁ କପାଳ ଭାବି ପିନ୍ଧାଇ ଦେଲି ସ୍ୱୀକୃତିର ସିନ୍ଦୁର ଏହାର ସାକ୍ଷୀ କେବଳ ଅଦୃଶ୍ୟ ଈଶ୍ୱର । ନିବିଡ଼ ପ୍ରେମ ଭିତରେ ବି ନାରୀଟି ଆଉ ଜଣେ ସଧବାର ସିନ୍ଦୂରକୁ ଭାଗ ନେବାକୁ ନ ଚାହିଁ ଆଉ ଏକ ଜନ୍ମକୁ ଅପେକ୍ଷା କରିବାକୁ ଚାହୁଁଛି ତା କମ୍ପିତ କଣ୍ଠରେ କହିଛି – "ମୁଁ କେମିତି ବା ଭାଗ ନେବି ଆଉ ଜଣେ ସଧବାର ସିନ୍ଦୂରକୁ । (ପୃ. ୭୯) ସେ ଲୁହକୁ ସାଇତି ରଖି ବି ପାଶେ, ଦୁଃଖକୁ ଶୁଆଇ ଦେଇଛି ଛାତି ଭିତରେ । ପ୍ରେମକୁ ସେ କହିଛନ୍ତି – ତମେ ବିନ୍ଦୁଏ ନାଁରେ ପରି ଝରି ଆସ ମୁକ୍ତାସମ୍ଭବା କରିଦିଅ ଆମ ପ୍ରେମକୁ । ଆମେ ହାରିଯିବା ଦୁଃଖ କିନ୍ତୁ ପ୍ରେମ ନ ହାରୁ ... ଜୀବନ କି ମୃତ୍ୟୁ ପାଖରେ ଆମେ ସମାଜ ଆଖରେ ଦୋଷୀ ହେବା । କିନ୍ତୁ ଈଶ୍ୱରଙ୍କ ପାଖରେ ଆମ ପ୍ରେମ


© 2025 ଡ. ସରଳା ସ୍ୱାଇଁ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

କଳୁଷିତ ନହେଉ ଯେବେ ଆସୁଛି ଆସ ମୁଁ ଅପେକ୍ଷା କରିଛି ସେହି ମୁକ୍ତା ସମ୍ଭବା ହେବାର ମୁହୂର୍ତ୍ତକୁ ।" ଶେଷରେ ପ୍ରେମକୁ ବଞ୍ଚାଇ ରଖିବାକୁ ହେଲେ ପ୍ରେମକୁ ପବିତ୍ର ବୋଲି ପ୍ରମାଣିତ କରିବାକୁ ହେଲେ ଭୂଲି ଯିବାକୁ ପଡିବ ତମ ଭଲ ପାଇବାର ମଣିଷକୁ । ଛିନ୍ନ କରିବାକୁ ପଡିବ ସମସ୍ତ ସମ୍ପର୍କ ଦିନ ମାସ ବର୍ଷ ନୁହେଁ ଆମରଣ ଚିରକାଳ । ପ୍ରେମକୁ ପବିତ୍ର କରି ରଖିବା ପାଇଁ ବାଛି ଦେଇଛନ୍ତି ସମ୍ପର୍କହୀନତାର ଶୂନ୍ୟ ଇଲାକା । ପ୍ରକୃତ ପ୍ରେମ ହେଉଛି ହରାଇବାରେ ବେଶୀ ଅନୁଭବ କରିବା ନିଜ ଉପରେ । ପ୍ରେମ ତ ମାଟିର ସୀତା । ମାଟିରେ ମିଶିବା ଆଗରୁ ଅଗ୍ନିପରୀକ୍ଷା ଦେଇଛି ଅନେକବାର ଏ ବି ଏକ ବିରାଟ ଅଗ୍ନିପରୀକ୍ଷା ଆମ ପ୍ରେମ ପାଇଁ । ଗୋଟିଏ କାଳକୁ ନୁହେଁ, କାଳ କାଳର ସ୍ୱାତୀଲଗ୍ନ ପାଇଁ ଅପେକ୍ଷାର ପ୍ରେମର ମହାନତାକୁ ସୂଚାଇ ଦେଇଥାଏ । ସତ ପ୍ରେମର ଦେହ ମିଳନର ପ୍ରତ୍ୟାଶା ନଥାଏ । ସତ ପ୍ରେମ ସବୁବେଳେ ମୁକ୍ତା ପରି । ମୁକ୍ତାର ପବିତ୍ରତା ହିଁ ଶାମୁକାର ଶୁଦ୍ଧ ପରିଚୟ । ମୁକ୍ତା ସମ୍ଭବା ମୁହୂର୍ତ୍ତ।

## ସହାୟକ ଗ୍ରନ୍ଥସୂଚୀ


1. ପଣ୍ଡା ହୃଷୀକେଶ। ନିରୁଦ୍ଦିଷ୍ଟ ବୋଧଦ୍ରୁମ। ଓଡ଼ିଶା ବୁକ୍‌ଷ୍ଟୋର; ୧୯୯୬।
2. ୨. ପଣ୍ଡା ହୃଷୀକେଶ। ତିନୋଟି ବିଶ୍ୱାସର ପୃଥିବୀ। କଟକ: ଓଡ଼ିଶା ବୁକ୍‌ଷ୍ଟୋର; ୧୯୮୪।
3. ୩. ପଣ୍ଡା ହୃଷୀକେଶ। ରେବତୀ। ଓଡ଼ିଶା ବୁକ୍‌ଷ୍ଟୋର; ୧୯୮୩।
4. ୪. ପଣ୍ଡା ହୃଷୀକେଶ। ପ୍ରୌଢ଼ ଭାବନା। ଫ୍ରେଣ୍ଡସ୍ ପବ୍ଲିଶର୍ସ; ୧୯୮୯।
5. ୫. ପଣ୍ଡା ହୃଷୀକେଶ। ସାହାବଦେବତା। ଫ୍ରେଣ୍ଡସ୍ ପବ୍ଲିଶର୍ସ; ୧୯୮୯।
6. ୬. ସାମଲ ବୈଷ୍ଣବ ଚରଣ। ଓଡ଼ିଆ ଗଳ୍ପ ଉନ୍ମେଷ ଓ ଉତ୍ତରଣ। ଫ୍ରେଣ୍ଡସ୍ ପବ୍ଲିଶର୍ସ; ୨୦୧୫।
7. ୭. ବାରିକ ସୌରୀନ୍ଦ୍ର। ଗଳ୍ପ ସମ୍ପର୍କରେ। ନବୋଦୟ ପ୍ରକାଶନ; ୨୦୧୩।



| Creative Commons (CC) License |
| --- |
| This article is an open-access article distributed under the terms and conditions of the Creative Commons Attribution (CC BY 4.0) license. This license permits unrestricted use, distribution, and reproduction in any medium, provided the original author and source are credited. |




© 2025 ଡ. ସରଳା ସ୍ୱାଇଁ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/